# NATIONAL NEWS BULLETIN (ODIA)

## 3 April - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ସାଧାରଣ ନିର୍ବାଚନ ଦୃଷ୍ଟିରୁ ବିଭିନ୍ନ ସର୍ବଭାରତୀୟ ପ୍ରବେଶିକା ଓ ପ୍ରତିଯୋଗିତା ମୂଳକ ନିଯୁକ୍ତି ପରୀକ୍ଷା ପାଇଁ ଧାର୍ଯ୍ୟ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି ।
- ରାଜ୍ୟସଭାର ୫୪ଜଣ ସାଂସଦଙ୍କ କାର୍ଯ୍ୟକାଳ ଆଜି ପୂରି ଯାଉଛି ।
- ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଭାରତକୁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ମିଳିବା ନେଇ ଆଶା ବ୍ୟକ୍ତ କରିଛନ୍ତି ।
- ଇସ୍ତାନବୁଲରେ ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୨୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି ।

ଏବଂ

- ଆଜି ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ପ୍ରବେଶିକା ପରୀକ୍ଷା

ସାଧାରଣ ନିର୍ବାଚନ ଦୃଷ୍ଟିରୁ ବିଭିନ୍ନ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷା ଓ ପ୍ରତିଯୋଗିତା ମୂଳକ ନିଯୁକ୍ତି ପରୀକ୍ଷା ପାଇଁ ଧାର୍ଯ୍ୟ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି । ନିର୍ବାଚନ ଯୋଗୁଁ ବିଭିନ୍ନ ପରୀକ୍ଷାରେ ବାଧା ସୃଷ୍ଟିହେବା ଆଶଙ୍କାରେ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି । ପୂର୍ବରୁ ସର୍ବଭାରତୀୟ ପ୍ରଶାସନିକ ସେବା (ସିଭିଲ୍ ସର୍ଭିସ୍) ପ୍ରିଲିମ୍ସ ପରୀକ୍ଷାର ତାରିଖ ଘୁଞ୍ଚା ଯାଇଥିଲା । ଇତିମଧ୍ୟରେ ନିଟ୍ ପିଜି, ନିଟ୍ ୟୁଜି, ଦ୍ୱିତୀୟ ପର୍ଯ୍ୟାୟ ଜେଇଇ ମେନ୍, ସିଏ, ସିୟୁଇଟି ସମେତ ବିଭିନ୍ନ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା ତାରିଖରେ ପରିବର୍ତ୍ତନ କରାଯାଇଛି । ପରବର୍ତ୍ତୀ କାର୍ଯ୍ୟସୂଚୀ ସଂପର୍କରେ ପ୍ରାର୍ଥୀମାନେ ସଂପୃକ୍ତ ୱେବ୍‌ସାଇଟ୍‌ରୁ ଅବଗତ ହୋଇପାରିବେ ।

# ବାଗ୍‌ଚି-ୟୁଏନ୍

ଜେନେଭାସ୍ଥିତ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ସଚିବ ଅରିନ୍ଦମ ବାଗ୍‌ଚୀ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମହାନିର୍ଦ୍ଦେଶକ ଟେଡ୍ରସ୍ ଆଦାନମ୍ ଘେବ୍ରିୟସ୍‌ଙ୍କୁ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟରେ ଜଣାପଡ଼ିଛି ଯେ ଉଭୟ ନେତା ଭାରତ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ମିଳିତ ଉଦ୍ୟମରେ ପାରମ୍ପରିକ ଔଷଧ ଓ ଡିଜିଟାଲ ସ୍ୱାସ୍ଥ୍ୟ ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ପୂର୍ବତନ ବୈଦେଶିକ ବ୍ୟାପାର

ମନ୍ତ୍ରଣାଳୟର ମୁଖପାତ୍ର ଶ୍ରୀ ବାଗ୍‌ଚୀଙ୍କୁ ଗତ ଅକ୍ଟୋବର ମାସରେ ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ସଚିବ ଭାବେ ମନୋନୀତ କରାଯାଇଥିଲା ।

# ଫାସ୍‌ଟ୍ୟାଗ୍

ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ-ଏନ୍‌ଏଚ୍‌ଏଆଇ ଗୋଟିଏ ଯାନ ଗୋଟିଏ ଫାସ୍‌ଟ୍ୟାଗ୍ ପ୍ରଚଳନ କରିଛନ୍ତି । ଗୋଟିଏ ଫାସ୍‌ଟ୍ୟାଗ୍ ଅନେକ ଯାନରେ ବା ଗୋଟିଏ ଯାନରେ ଏକାଧିକ ଫାସ୍‌ଟ୍ୟାଗ୍ ବ୍ୟବହାରକୁ ରୋକିବା ପାଇଁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଗତ ସୋମବାର ଠାରୁ ଏହା କାର୍ଯ୍ୟକାରୀ ହୋଇଛି । ରିଜର୍ଭବ୍ୟାଙ୍କର ବାଧ୍ୟତାମୂଳକ ନିୟମ ଅନୁଯାୟୀ ଫାସ୍‌ଷ୍ଟାଗ୍ ର କେଓ୍ୱାଇସି କରିବାକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ଫାସ୍‌ଟ୍ୟାଗ ବ୍ୟବହାରକାରୀଙ୍କୁ ନିବେଦନ କରାଯାଇଛି। ଫାସ୍‌ଟ୍ୟାଗ୍‌ରେ ଟଙ୍କା ଥିଲେ ମଧ୍ୟ ଯଦି କେଓ୍ୱାଇସି କରାନଯାଏ ତେବେ ତାହା କଳା ତାଲିକାଭୁକ୍ତ ବା ଅଚଳ ହୋଇଯିବ ବୋଲି କୁହାଯାଇଛି ।

# ସାଂସଦ

ରାଜ୍ୟସଭାର ୫୪ଜଣ ସାଂସଦଙ୍କ କାର୍ଯ୍ୟକାଳ ଆଜି ପୂରି ଯାଉଛି । ଅବସର ନେଉଥିବା ଏହି ସାଂସଦଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂଙ୍କ ସମେତ ୭

କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ଭୂପେନ୍ଦ୍ର ଯାଦବ ସାମିଲ ଅଛନ୍ତି । ଅନ୍ୟପକ୍ଷରେ ୭ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମନସୁଖ ମାଣ୍ଡବୀୟ, ପରୋଷୋତ୍ତମ ରୁପାଲା, ରାଜୀବ ଚନ୍ଦ୍ରଶେଖର, ଭି. ମୁରଲୀଧରନ୍, ନାରାୟଣ ରାଣେ ଓ ଏଲ୍. ମୁରୁଗାନଙ୍କ କାର୍ଯ୍ୟକାଳ ଗତକାଲି ଶେଷ ହୋଇଛି । ଅବସର ନେଇଥିବା ଅନ୍ୟ ସାଂସଦଙ୍କ ମଧ୍ୟରେ ସମାଜବାଦୀପାର୍ଟିର ଜୟା ବଚ୍ଚନ, ଆର୍‌ଜେଡିର ମନୋଜ ଝା ଓ କଂଗ୍ରେସର ଅଭିଷେକ ମନୁ ସିଙ୍ଗଭୀ ରହିଛନ୍ତି । ଜୟା ଓ ମନୋଜଙ୍କୁ ସେମାନଙ୍କ ଦଳ ପୁଣିଥରେ ରାଜ୍ୟସଭାକୁ ପଠାଇଥିବା ବେଳେ କ୍ରସ୍ ଭୋଟିଂ ଯୋଗୁଁ କଂଗ୍ରେସର ଅଭିଷେକ ମନୁ ସିଙ୍ଗଭୀ ହାରି ଯାଇଛନ୍ତି । ରାଜ୍ୟସଭାରୁ ଅବସର ନେଇଥିବା ୭ କେନ୍ଦ୍ରମନ୍ତ୍ରୀଙ୍କ ମଧ୍ୟରୁ କେବଳ ଅଶ୍ୱିନୀ ବୈଷ୍ଣବଙ୍କୁ ବାଦ୍ ଦେଲେ ଅନ୍ୟମାନେ ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି ।

## ଜୟଶଙ୍କର

ଜାତିସଂଘ ସୁରକ୍ଷା ପରିଷଦରେ ଭାରତକୁ ସ୍ଥାୟୀ ସଦସ୍ୟତା ମିଳିବା ନେଇ ଆଶା ସୂଚକ ବାର୍ତ୍ତା ବୈଦେଶିକ ମନ୍ତ୍ରୀ ଏସ୍.ଜୟଶଙ୍କର ଦେଇଛନ୍ତି । ସେ କହିଛନ୍ତି ଏଥିପାଇଁ ଭାରତ ନିରନ୍ତର ଉଦ୍ୟମ କରୁଥିବା ବେଳେ ଆନ୍ତର୍ଜାତିକ ସମୁଦାୟ ମଧ୍ୟ ଭାରତକୁ ସ୍ଥାୟୀ ସଦସ୍ୟତା ଦେବା ପାଇଁ ଦାବି କରୁଛନ୍ତି । ଯେତେବେଳେ ନିରାପତ୍ତା ପରିଷଦର ସଂପ୍ରସାରଣ କରାଯିବ, ସେତେବେଳେ ଭାରତକୁ ସ୍ଥାୟୀ ସଦସ୍ୟତା ମିଳିବା ଏକ

ପ୍ରକାର ନିଶ୍ଚିତ ବୋଲି ଡକ୍ଟର ଜୟଶଙ୍କର କହିଛନ୍ତି । ରାଜକୋଟରେ ଏକ ବୁଦ୍ଧିଜୀବୀ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଭାରତ ସହିତ ଜାପାନ, ଜର୍ମାନୀ ଓ ଇଜିପ୍ଟ ସ୍ଥାୟୀ ସଦସ୍ୟତା ଲାଗି ଦାବି କରି ଆସୁଛନ୍ତି । ତେବେ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ଥିବା ୫ଟି ରାଷ୍ଟ୍ର ଚୀନ୍, ଫ୍ରାନ୍ସ, ଆମେରିକା, ରୁଷ ଓ ବ୍ରିଟେନ୍ ଏହି ସଂପ୍ରସାରଣ କରିବା ଦିଗରେ କୌଣସି ଆଗ୍ରହ ପ୍ରକାଶ କରୁ ନାହାନ୍ତି। ୮୦ ବର୍ଷ ତଳେ ପ୍ରତିଷ୍ଠା କରାଯାଇଥିବା  ଜାତିସଂଘରେ ଏହି ୫ଟି ରାଷ୍ଟ୍ର ନିଜକୁ ସ୍ଥାୟୀ ସଦସ୍ୟ ଭାବେ ସାମିଲ କରିଥିଲେ । ଏବେ ଜାତିସଂଘରେ ୧୯୩ଟି ରାଷ୍ଟ୍ର ସଦସ୍ୟ ରହିଛନ୍ତି । ସୁରକ୍ଷା ପରିଷଦର ପରିବର୍ତ୍ତନ ହେବା ଜରୁରୀ  ବୋଲି ଏହି ସମସ୍ତ ସଦସ୍ୟ ଏବେ ଅନୁଭବ କରୁଛନ୍ତି ।

# ଅଗ୍ନିକାଣ୍ଡ

ଇସ୍ତାନବୁଲ ସହରରେ ଏକ ନାଇଟ୍ କ୍ଲବ୍‌ରେ ଗତକାଲି ଅଗ୍ନିକାଣ୍ଡ ଘଟି ୨୯ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ଇସ୍ତାନବୁଲ ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ୧୬ ମହଲା ବିଶିଷ୍ଟ ଏହି ନାଇଟ୍ କ୍ଲବରେ ମରାମତି କାର୍ଯ୍ୟ ଚାଲିଥିବା ବେଳେ ଅଗ୍ନିକାଣ୍ଡ ଘଟିଥିଲା । ସମସ୍ତ ମୃତକ ନିର୍ମାଣ ଶ୍ରମିକ ବୋଲି ଜଣାପଡ଼ିଛି । ଏହି ଘଟଣାରେ ନିର୍ମାଣକାରୀ ସଂସ୍ଥାର ପରିଚାଳକଙ୍କ ସମେତ ୫ ଜଣଙ୍କୁ ଅଟକ ରଖାଯାଇଛି । ତେବେ ଅଗ୍ନିକାଣ୍ଡର କାରଣ ସଂପର୍କରେ ଅନୁସନ୍ଧାନ କରାଯାଉଛି ।

# ଆଇ.ଏମ୍.ଡି.-ଓ୍ୱେଦର୍

ଭାରତୀୟ ପାଣିପାଗ ବିଭାଗ ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କର୍ଣ୍ଣାଟକ, ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀରେ ଗ୍ରୀଷ୍ମ ପ୍ରବାହ ହେବାର ପୂର୍ବାନୁମାନ କରିଛି । ତେଲଙ୍ଗାନା ଓ କର୍ଣ୍ଣାଟକରେ ପରବର୍ତ୍ତୀ ତିନି ଦିନ ପର୍ଯ୍ୟନ୍ତ ଏବଂ କର୍ଣ୍ଣାଟକର ଉପକୂଳବର୍ତ୍ତୀ ଅଞ୍ଚଳ, କେରଳ, ତାମିଲନାଡୁ, ପୁଡୁଚେରୀ ଓ ଆନ୍ଧ୍ରପ୍ରଦେଶର ଉପକୂଳ ଅଞ୍ଚଳରେ ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ଗରମ ଓ ଆର୍ଦ୍ରତା ବଳବତ୍ତର ରହିବ ।

ଇତିମଧ୍ୟରେ ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ଉତ୍ତର ପୂର୍ବାଞ୍ଚଳରେ ବର୍ଷା ଓ ବଜ୍ରପାତ ହେବ । ପାଣିପାଗ ବିଭାଗ କହିଛି, ପରବର୍ତ୍ତୀ ପାଞ୍ଚ ଦିନ ଧରି ପଶ୍ଚିମ ହିମାଳୟ ଅଞ୍ଚଳରେ ମଧ୍ୟମ ବର୍ଷା ଓ ତୁଷାରପାତ ହେବ । ଜାମ୍ମୁ କାଶ୍ମୀର, ଲଦାଖ, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡରେ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ  ବଜ୍ରପାତ ହେବାର ସମ୍ଭାବନା ଅଛି ।

ଉତ୍ତର ପଶ୍ଚିମ କେନ୍ଦ୍ର ଓ ପୂର୍ବ ଭାରତରେ ପରବର୍ତ୍ତୀ ତିନି ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨ରୁ ୩ ଡିଗ୍ରୀ ବୃଦ୍ଧି ପାଇବ । ଦେଶର ଦକ୍ଷିଣାଞ୍ଚଳରୁ ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରାରେ କୌଣସି ପରବର୍ତ୍ତୀ ଘଟିବ ନାହିଁ । ତେବେ ତେଲଙ୍ଗାନାର କିଛି ଭାଗ, କର୍ଣ୍ଣାଟକ ଓ ଆନ୍ଧ୍ରପ୍ରଦେଶରେ ତାପମାତ୍ରା ପରବର୍ତ୍ତୀ ୫ ଦିନ ପର୍ଯ୍ୟନ୍ତା ୨ରୁ ୩ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ ।

## ରାଜସ୍ଥାନ-ଗଗନଶକ୍ତି

ଭାରତୀୟ ବିମାନବାହିନୀ ପୋଖରାନ ଫିଲ୍ଡ ଫାୟାରିଙ୍ଗ ରେଞ୍ଜଠାରେ ଏହାର ସର୍ବବୃହତ୍ ସମରାଭ୍ୟାସ ଗଗନଶକ୍ତି ଜାରି ରହିଛି । ଏହି ସମରାଭ୍ୟାସ ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ । ଏଥିରେ ସମସ୍ତ ବଡ ବଡ ଲଢୁଆ ବିମାନ ଓ ଆଧୁନିକ ହେଲିକପ୍ଟର ନିଜନିଜର ଯୁଦ୍ଧକୌଶଳ ପ୍ରଦର୍ଶନ କରୁଛନ୍ତି । ଆମ ସମ୍ବାଦଦାତା ଜଣାଇଛନ୍ତି ଏହି ବିଶାଳ ସମରାଭ୍ୟାସ ପାଇଁ ଭାରତୀୟ ସେନାବାହିନୀ ବିମାନ ବାହିନୀକୁ ସମସ୍ତ ସାମଗ୍ରିକ ସହାୟତା ପ୍ରଦାନ କରୁଛି । ୧୦ହଜାରରୁ ଅଧିକ ବିମାନବାହିନୀ କର୍ମଚାରୀଙ୍କୁ ନବାଆଣିବା କରିବା ଓ ଗୋଳାବାରୁଦ ନବାଆଣିବା କରିବାରେ ସେନାବାହିନୀ ସହାୟତା କରୁଛି । ଏହି ସମରାଭ୍ୟାସ ପୋଖରାନ ସମେତ ଦେଶର ବିଭିନ୍ନ ଭାଗରେ ହେଉଛି । ବହୁ ଲଢୁଆ ବିମାନ ଓ ହେଲିକପ୍ଟର ଏଥିରେ ଅଂଶଗ୍ରହଣ କରୁଛି । ପୂର୍ବରୁ ୨୦୧୮ ମସିହାରେ ଏହି ସମରାଭ୍ୟାସ ଅନୁଷ୍ଠିତ ହୋଇଥିଲା ।

## ପାକିସ୍ତାନ ମିନିଷ୍ଟର

ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖୱାଜ ଆଶିଫ୍ ଭାରତ ସହ ସଂପର୍କର ଉନ୍ନତି ପାଇଁ ଆଶାବ୍ୟକ୍ତ କରିଛନ୍ତି । ଇସଲାମାବାଦର ସଂସଦ ଭବନ ବାହାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ ରହିଛି । ତେବେ ଭାରତରେ

ନିର୍ବାଚନ ପରେ ଏହି ସଂପର୍କରେ ସୁଧାର ଆସିପାରିବ। ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ଏହାକୁ ଭାରତ ଅଣଦେଖା କରିପାରିବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର କହିବା ପରେ ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ଆଶିଫ୍ ଏହି ପ୍ରତିକ୍ରିୟା ରଖିଛନ୍ତି ।

## ବିଏସ୍ଏଫ୍ ଏକ୍ଜିବିସନ

ସୀମା ସୁରକ୍ଷା ବଳ (ବିଏସ୍ଏଫ୍) ନୂଆଦିଲ୍ଲୀରେ ଅଶ୍ୱିନୀ ବିଏସ୍ଏଫ୍ ଅଫିସର୍ସ ଇନ୍ଷ୍ଟିଚ୍ୟୁଟ୍ରେ ଏକ ପ୍ରଦର୍ଶନୀର ଆୟୋଜନ କରିଛି । ଏହି ପ୍ରଦର୍ଶନୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଜନସାଧାରଣ ଏହି ପ୍ରଦର୍ଶନୀକୁ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପରିଦର୍ଶନ କରିପାରିବେ । ଦେଶର ୧୧୫ଜଣ ବିଏସ୍ଏଫ୍ ଅଧିକାରୀ ଓ ସେମାନଙ୍କର ପରିବାରବର୍ଗଙ୍କ ହାତତିଆରି ହସ୍ତକଳା ଓ ଶିଳ୍ପ ଏଥିରେ ପ୍ରଦର୍ଶିତ ହେଉଛି ।

## ପାକିସ୍ତାନ ମିନିଷ୍ଟର

ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖଓ୍ୱାଜ ଆଶିଫ୍ ଭାରତ ସହ ସଂପର୍କର ଉନ୍ନତି ପାଇଁ ଆଶାବ୍ୟକ୍ତ କରିଛନ୍ତି । ଇସଲାମାବାଦର ସଂସଦ ଭବନ ବାହାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ସେ କହିଛନ୍ତି ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ନିଜସ୍ୱ ଦୃଷ୍ଟିଭଙ୍ଗୀ ରହିଛି । ତେବେ ଭାରତରେ

ନିର୍ବାଚନ ପରେ ଏହି ସଂପର୍କରେ ସୁଧାର ଆସିପାରିବ। ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ଏହାକୁ ଭାରତ ଅଣଦେଖା କରିପାରିବ ନାହିଁ ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍.ଜୟଶଙ୍କର କହିବା ପରେ ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ଆଶିଫ୍ ଏହି ପ୍ରତିକ୍ରିୟା ରଖିଛନ୍ତି ।

## ୱାର୍ଲଡ କପ୍

ଥାଇଲ୍ୟାଣ୍ଡର ଫୁକେଟ୍ ରେ ଚାଲିଥିବା ବିଶ୍ୱ ଭାରୋତ୍ତଳନ ମହାସଂଘ ବିଶ୍ୱକପ୍‌ରେ ଭାରତର ଭାରୋତ୍ତଳନକାରୀ ବିନ୍ଧ୍ୟାରାଣୀ ଦେବୀ ୫୯ କିଲୋ ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ହାସଲ କରିଥିବା ବିନ୍ଧ୍ୟାରାଣୀ ମୋଟ୍ ୧୯୬ କିଲୋଗ୍ରାମ ଓଜନ ଉଠାଇ ଏହି ବିଶ୍ୱକପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏହି ବର୍ଗରେ ଉତ୍ତରକୋରିଆର କାଙ୍ଗ ହ୍ୟୁଁ ଜ୍ୟଙ୍ଗ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ରୋମାନିଆର କାମ୍ବେଇ ଭାଲେଣ୍ଟିନା ରୌପ୍ୟ ପଦକ ଜିତିଛନ୍ତି । ଏହା ପୂର୍ବରୁ ୪୯ କିଲୋବର୍ଗରେ ଅନ୍ୟତମ ଭାରତୀୟ ଭାରୋତ୍ତଳନକାରୀ ପଦକ ପାଇବାରୁ ବଞ୍ଚିତ ହୋଇଥିଲେ । ଆହତ କାରଣରୁ ୬ମାସ ବ୍ୟବଧାନ ପରେ ସେ ଭାରୋତ୍ତଳନ ପ୍ରତିଯୋଗିତାକୁ ଫେରିଛନ୍ତି ।

# ଆଇପିଏଲ୍

ଆଜି ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ ଓ କୋଲକାତା ନାଇଟି ରାଇଡର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ଚଳିତ ଆଇପିଏଲ୍‌ର ଏହି ଷୋଡ଼ଶ ମ୍ୟାଚ୍ ବିଶାଖାପଟନମ୍‌ରେ ଖେଳାଯିବ । ଋଷଭ୍ ପନ୍ତଙ୍କ ନେତୃତ୍ୱାଧୀନ ଦିଲ୍ଲୀ କ୍ୟାପିଟାଲ୍‌ସ ୩ଟି ମ୍ୟାଚ୍‌ରୁ ୨ଟି ପରାଜୟ ଓ ଗୋଟିଏରେ ବିଜୟ ହାସଲ କରିଛି । ଦଳ ପ୍ରଥମ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଠାରୁ  ଏବଂ ଦ୍ୱିତୀୟରେ ରାଜସ୍ଥାନ ରୟାଲ୍‌ସଠାରୁ ହାରି ଯାଇଥିଲା । ତେବେ ତୃତୀୟ ମ୍ୟାଚ୍‌ରେ ଦଳ ଚେନ୍ନାଇ ସୁପରକିଙ୍ଗ୍‌ସକୁ ୨୦ ରନ୍‌ରେ ପରାସ୍ତ କରିଥିଲା ।

ଅନ୍ୟପକ୍ଷରେ ଶ୍ରେୟାସ୍ ଆୟାରଙ୍କ ନେତୃତ୍ୱାଧୀନ କୋଲକାତା ନାଇଟି ରାଇଡର୍ସ ୨ଟି ମ୍ୟାଚ୍‌ରୁ ୨ଟିରେ ବିଜୟ ସହ ୪ ପଏଣ୍ଟ ପାଇଛି । ଦଳ ପ୍ରଥମ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୪ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୭ ୱିକେଟ୍ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ପରାସ୍ତ କରିଥିଲା ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋରକୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟ୍‌ସ ୨୮ ରନ୍‌ରେ ପରାସ୍ତ କରିଛି ।